ଏପିସୋଡ ୨୩

# ଉତ୍ତପ୍ତ ଧରଣୀ, ପରିବର୍ତ୍ତିତ ରୋଗ

ମୂଳ ରଚନା: ଅରବିନ୍ଦ ଦୁବେ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର

ସାଗର		କଲେଜ ଅଧ୍ୟାପକ

ବସୁଧା		ସାଗରଙ୍କ ପତ୍ନୀ

ମେଘା		କଲେଜ ଛାତ୍ରୀ

ବିବେକ		ହାଇସ୍କୁଲ ଛାତ୍ର

ଶେଖର  ଡାକ୍ତର (ସାଗରଙ୍କ ସାଙ୍ଗ)

ପ୍ରଶାନ୍ତ		ଶେଖରଙ୍କ ସାଙ୍ଗ

ବିକାଶ		ବୈଜ୍ଞାନିକ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ କାମ କରନ୍ତି)

ଦୃଶ୍ୟ ୧

(ଘରର ବୈଠକଖାନା, ସକାଳ ସମୟ, ଟିଭିରେ ସମାଚାର ଚାଲିଛି, ବାପା ଖବର ଶୁଣୁଛନ୍ତି, ଭିତରୁ ମା'ଙ୍କ ସ୍ୱର ଶୁଣାଯାଉଛି)

ମା: ହେଇଟି ଶୁଣୁଛ..

ମେଘା:  ବାପା, ତମକୁ ବୋଧେ ମା ଡାକୁଛି।

(ବାପା ଟିଭିର ସ୍ୱର କମ୍ କରୁଛନ୍ତି, ଭିତରୁ ପୁଣି ଡାକ ଶୁଭିଲା)

ମା: ଟିକେ ଶୁଣ...

ବାପା:ମା ମେଘା, ଟିକେ ଦେଖିକି ଆ ତ ମା କ'ଣ କହୁଛି।

ମେଘା:  ବାପା, ତମେ ବିବେକକୁ ପଠାଅ, ଯେତେବେଳେ ଦେଖ ମତେ ହିଁ କହୁଛ। ବିବେକଭାଇ ଟିକେ ଯାଇ ଦେଖ ତ...

(ଜୋର ଚାଲିବା ଶବ୍ଦ, ମା'ଙ୍କ ପ୍ରବେଶ)

ମା: (ରାଗି ଯାଇ) ତମ ଟିଭିରେ ନିଆଁ ଲାଗିଯାଉ। କେତେବେଳୁ ଡାକୁଛି, କିନ୍ତୁ ଏଠି କାହାକୁ ଶୁଣାଗଲେ ତ। କିଏ ମରିଯାଉ, ଏଠି କାହାର କ'ଣ ହେଇଯିବ କି!

ବାପା:ବସୁଧା... ଆରେ କଥା କ'ଣ ଏତେ ବ୍ୟସ୍ତ କାହିଁକି ହେଉଛ? ମୁଁ ତ ମେଘାକୁ କହିଲି ଯା ମା କାହିଁକି ଡାକୁଛି ଶୁଣିବୁ। କିନ୍ତୁ ସେ ବିବେକ ଉପରେ ପକେଇଦେଲା।

ମା: ଏ ଭାଇଭଉଣୀ ଦୁହେଁ ତ ଏକନମ୍ବର ଅଳସୁଆ। ଏମାନଙ୍କ ପାଇଁ ତ ଚବିଶଘଣ୍ଟା ଜଣେ କାମକରିବା ଦରକାର।

ବାପା:ହଉ ଛାଡ଼... ଏବେ କୁହ କଥା କ'ଣ?

ମା: ବଡ଼ଭାଇଙ୍କ ଦେହ ବହୁତ ଖରାପ।

ମେଘା:   କିଏ? ନାଇରୋବି ବାଲା ମାମୁ?

ମା: ହଁ ହଁ ସେ।

ବାପା:କାହିଁ, ତାଙ୍କର କ'ଣ ହେଲା?

ମା: ଭାଉଜ କହୁଥିଲେ ଯେ ମ୍ୟାଲେରିଆ ହୋଇଛି।

ବାପା:ମ୍ୟାଲେରିଆ? କିନ୍ତୁ ସେ ତ ନାଇରୋବିରେ ପାହାଡ଼ିଆ ଅଞ୍ଚଳରେ ଥିଲେ।

ମା: ସେଥିରୁ କ'ଣ ହେଲା?

ବାପା:ଆରେ ବାହାଘର ଆଗରୁ ମୁଁ ବି ସେଠି ଡେପୁଟେସନ୍‌ରେ ଯାଇ କେତେ ବର୍ଷ ଥିଲି। ସେଠି ତ ମ୍ୟାଲେରିଆ ହେଉ ନ ଥିଲା।

ମା: ତମେ ତ ୨୫ ବର୍ଷ ତଳେ ଥିଲ । ଶତାବ୍ଦୀର ଚାରିଭାଗରୁ ଭାଗେ। ସେତେବେଳେ ହେଉ ନ ଥିବ, କିନ୍ତୁ ଏବେ ତ ହେଉଛି। କହୁଥିଲେ ଘରର ସମସ୍ତେ ଜରରେ ପଡ଼ିଛନ୍ତି।

ବାପା:ଆଚ୍ଛା!

ମା: ଅନ୍ୟମାନେ ତ ଏବେ ଠିକ ହେଉଛନ୍ତି । କିନ୍ତୁ ଭାଇଙ୍କ ଦେହ ବହୁତ ଖରାପ। ଏବେ କେମିତି ଯିବି? ଏଇଠି କୋଉଠି ହେଇଥିଲେ ଯାଇ ଟିକେ ଦେଖିଆସିଥାନ୍ତି।

ବାପା:ତା ତ ଠିକ କଥା। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି କେନିଆର ପାହାଡ଼ି ଅଞ୍ଚଳ ତ ଥଣ୍ଡା ଅଞ୍ଚଳ। ସେଠି ତ ମଶା ବି ନ ଥିଲେ। ବଡ଼ ଆରାମ ଜାଗା

ଥିଲା।

ମା: କିନ୍ତୁ ଏବେ ମଶା କୋଉଠି ନାହାନ୍ତି... ପାହାଡ଼ ହେଉ କି ମରୁଭୂମି? ସେମିତି ସେଠି ବି ଥିବେ।

ମେଘା: ମା ବାୟୁମଣ୍ଡଳରେ ତାପମାତ୍ରା ବଢୁଛି। ବିଶ୍ୱ ଉଷ୍ଣାୟନ ଯୋଗୁ ଏମିତି ହେଉଛି।

ମା: (ବିରକ୍ତ ହୋଇ) ଆଚ୍ଛା... ଆଚ୍ଛା ଚୁପ କର। ସବୁ କଥାରେ ତ ତୁ ତୋର କ'ଣ ସେ କଥା ବିଶ୍ୱ ଉଷ୍ଣାୟନକୁ ନେଇ ପୂରେଇବୁ । ପାଠ କ'ଣ ପଢ଼ିଦେଲୁ ଯେ ମା କୁ ବୋକା ଭାବୁଛୁ।

ବିବେକ: ଏଇ ଦେଖ, ବଡ଼ ମାଷ୍ଟ୍ରାଣୀ ବନିଗଲୁଣି। ମା କୁ ପାଠ ପଢ଼େଇବୁ? ମା ତୋ ଭଳି ପଚାଶ ଜଣଙ୍କୁ ଶିଖେଇ ପାରିବ।

ମେଘା: ଆରେ ବିବେକ, ତୁ ଚୁପ ରହ।

ମା: (ରାଗରେ ଚିତ୍କାର କରି) ଚୁପ... (କାନ୍ଦ କାନ୍ଦ ସ୍ୱରରେ) ଭାଇଙ୍କୁ କିଛି ହେବନି ତ?

ବାପା:ଆରେ ନାଇଁ, ମ୍ୟାଲେରିଆ ତ ହେଇଛି। ସବୁ ଠିକ ହେଇଯିବ। ଏବେ ଆଉ ସେଦିନ କାହିଁ ଯେତେବେଳେ ମ୍ୟାଲେରିଆ ରୋଗରେ ହଜାର ହଜାର ମରୁଥିଲେ।

ମା: ତଥାପି...ଭାଉଜ କାନ୍ଦୁଥିଲେ। କହୁଥିଲେ ମ୍ୟାଲେରିଆ ବହୁତ ବିପଦଜନକ। ସେଠି ତ ବହୁତ ମ୍ୟାଲେରିଆ ବ୍ୟାପୁଛି। ଏମିତି କୌଣସି ଘର ନାହିଁ ଯେଉଁଠି କାହାକୁ ନା କାହାକୁ ମ୍ୟାଲେରିଆ ନ ହୋଇଛି। ପ୍ରାୟ

ସମସ୍ତଙ୍କୁ ହେଉଛି।

ମେଘା:  ଆଚ୍ଛା ଏ କଥା ମାଇଁ କହିଲେ?

ମା: ହଁ, ସେଠି ତ ଲୋକ ମ୍ୟାଲେରିଆରେ ମରୁଛନ୍ତି, ଏତେ ବିପଦଜନକ। ଭାଉଜ ବହୁତ ବ୍ୟସ୍ତ ହେଉଛନ୍ତି।

ବାପା:ଆଚ୍ଛା ଠିକ ଅଛି। ମତେ ତ ଏ ବିଷୟରେ ବିଶେଷ କିଛି ଜଣାନାହିଁ। କିନ୍ତୁ ମୋର ଜଣେ ପିଲାଦିନର ସାଙ୍ଗ ଏଠି ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଭାବରେ ଆସିଛି। ତା ସହ ଯାଇ କଥା ହେବା। ତା ପରେ ତମ ଭାଉଜଙ୍କ ସହ କଥା ହେବା।

ମା: ନିଶ୍ଚୟ...

(ଦୃଶ୍ୟ ପରିବର୍ତ୍ତନ, ଡାକ୍ତରଖାନାରେ ଡ. ଶେଖରଙ୍କ କୋଠରୀ

ମେଘା: ବାପା ଆମେ ଏଠିକୁ କୁଆଡ଼େ ଆସିଲେ ? ଏ ତ ଜିଲ୍ଲା ଡାକ୍ତରଖାନା।

ବାପା: ହଁ ମେଘା, ଏଠି ତ ତୋର ଶେଖର ମଉସା ମିଳିବେ। ତାଙ୍କୁ ତୋ ମା କିଛି ପଚାରିବାକୁ ଚାହୁଁଛି।

ବିବେକ: ବାପା, ଏ ଶେଖର ମଉସା ତମ ପିଲାଦିନର ସାଙ୍ଗ?

ବାପା:ହଁ ବିବେକ ହାୟର ସେକେଣ୍ଡାରୀ ଯାଏଁ ଆମ ସହ ପଢୁଥିଲା।

ମେଘା:  ଏ ମଉସା ଡାକ୍ତର ହେଲେ ଆଉ ତମେ ପ୍ରଫେସର ହେଲ ବାପା?

ବାପା:ହଁ ମେଘା।

ବିବେକ: ବାପା, ଏଇଠି ଶେଖର ମଉସାଙ୍କ ବୋର୍ଡ , ଏଇଠି ସେ ଅଛନ୍ତି।

ବାପା:ହଁ ବିବେକ, ଏଇଠି...

(ସମସ୍ତେ କୋଠରୀରେ ପ୍ରବେଶ କରୁଛନ୍ତି)

ବାପା:ଶେଖର ଆମେ ଆସିବୁ?

ଶେଖର: (ଆଶ୍ଚର୍ଯ୍ୟ ହୋଇ ) ସାଗର! ଆଜି କେମିତି ରାସ୍ତା ଭୁଲିଗଲୁ। ଆରେ... ଭାଉଜ ବି ଆଉ ପିଲାମାନେ ବି ?... ବସ ବସ...। ସବୁ ଠିକଠାକ୍ ଅଛି ତ?ସାଗର ତୁ ବି ବସ୍।

ବାପା:ସେଇ ତ ନାହିଁ।

ଶେଖର: କାହାର ଦେହ ଖରାପ ଅଛି? ତମେମାନେ ସମସ୍ତେ ତ ସୁସ୍ଥସବଳ ଦେଖାଯାଉଛ।

ବାପା:ଆମେ ସମସ୍ତେ ଠିକ ଅଛୁ । କିନ୍ତୁ ତୋ ଭାଉଜଙ୍କ ଭାଇ କେନିୟାରେ ନାଇରୋବି ପାଖରେ ରହନ୍ତି।

ଶେଖର: ସେଇଠୁ...

ବିବେକ: ଶେଖର ମଉସା, ସେଠି ମାମୁଙ୍କୁ ମ୍ୟାଲେରିଆ ହୋଇଛି।

ଶେଖର: ମ୍ୟାଲେରିଆ?

ବାପା:ହଁ ଶେଖର... ମୁଁ କହିଲି ମ୍ୟାଲେରିଆ ତ ହେଇଛି। ଔଷଧ ଖାଇଲେ ଠିକ ହେଇଯିବ, କିନ୍ତୁ ତୋ ଭାଉଜ ଡରିଯାଉଛନ୍ତି...

ଶେଖର: ଆଚ୍ଛା...

ମା: ହଁ ଭାଇ, ସେଠି ଭାଇଙ୍କ ମିସେସ୍ କହୁଥିଲେ ଯେ ମ୍ୟାଲେରିଆ ବହୁତ ବିପଦଜନକ। ଏଥିରେ ଲୋକଙ୍କର ମୃତ୍ୟୁ ବି ହୋଇଯାଏ।

ବାପା:ଏବେ ଦେଖ ନଣନ୍ଦ ଭାଉଜ ମିଶି ଟିକିଏ କଥାକୁ ନେଇ ତୋଫାନ ସୃଷ୍ଟି କରିଛନ୍ତି। ସେଠି ସେ କାନ୍ଦୁଛନ୍ତି, ଏଠି ଏ କାନ୍ଦୁଛି। ବେକାରଟାରେ ଏ ଧନ୍ଦା।

ଶେଖର: ଭାଉଜଙ୍କ ଚିନ୍ତା କରିବା ଠିକ।

ବାପା:କ'ଣ ଶେଖର ତୁ ବି କହୁଛୁ ଯେ ମ୍ୟାଲେରିଆରେ ଲୋକ ମରିଯାନ୍ତି।

ଶେଖର: ହଁ ମରିଯାନ୍ତି, ବିଶେଷ କରି ମ୍ୟାଲେରିଆ ଯଦି ମସ୍ତିଷ୍କକୁ ଆକ୍ରାନ୍ତ କରେ।

ମା: ଦେଖିଲ, ମୁଁ ଠିକ କହୁଥିଲି ନା!

ମେଘା: କିନ୍ତୁ ମଉସା, ମୋର ତ କେତେ ସାଙ୍ଗଙ୍କୁ ମ୍ୟାଲେରିଆ ହୋଇଥିଲା। ସେମାନେ କିଛିଦିନ ସ୍କୁଲରେ ଅନୁପସ୍ଥିତ ରହିଲେ , ତା'ପରେ ତ ସ୍କୁଲ ଆସିଲେ।

ଶେଖର: ଦେଖ ମେଘା ଆମର ଏଠି ବିପଦଜନକ ମସ୍ତିଷ୍କ ମ୍ୟାଲେରିଆ ବହୁତ କମ୍ ଲୋକଙ୍କୁ ହୁଏ। କିନ୍ତୁ ଯେଉଁଠି ତମ ମାମୁ ରହନ୍ତି, ନାଇରୋବି ପାଖରେ ମ୍ୟାଲେରିଆ ପ୍ରାୟତଃ ମସ୍ତିଷ୍କ ମ୍ୟାଲେରିଆ ହୁଏ।

ବାପା:କିନ୍ତୁ କାହିଁକି ଶେଖର?

ବିବେକ: ସେଠିକା ମଶା ବଡ଼ ବିପଦଜନକ ହୋଇଥିବେ।

ଶେଖର: ନାଇଁ ବିବେକ ସେମିତି ନୁହେଁ।

ବିବେକ: ତାହେଲେ?

ଶେଖର: ସେଠି ଆଗରୁ ମ୍ୟାଲେରିଆ ହେଉ ନ ଥିଲା, ସେଥିପାଇଁ ମ୍ୟାଲେରିଆ ବିରୁଦ୍ଧରେ ଲୋକଙ୍କର ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇ ନ ଥିଲା।

ମେଘା: କାହିଁକି?

ଶେଖର: ମେଘା, ଆମେ ଯେତେବେଳେ ଥରେ ବି ମ୍ୟାଲେରିଆ ଜୀବାଣୁ ସଂସ୍ପର୍ଶରେ ଆସେ, ଆମକୁ ମ୍ୟାଲେରିଆ ହୋଇପାରେ, ତା ପରେ ଆମ ଶରୀରର ପ୍ରତିରୋଧକ କୋଷ ମ୍ୟାଲେରିଆ ଜୀବାଣୁକୁ ଚିହ୍ନିଯାଆନ୍ତି।

ମା: ତାହେଲେ କ'ଣ ହୁଏ ଭାଇ?

ମେଘା: ମା ଥରେ କୌଣସି ରୋଗ ଜୀବାଣୁ ସମ୍ପର୍କରେ ଆସିଲେ ଆମ ଦେହ ତା ବିରୁଦ୍ଧରେ ଆଣ୍ଟିବଡ଼ି ତିଆରି କରେ। ସେଥିପାଇଁ ଆଉ ଥରେ ସେହି ରୋଗ ଜୀବାଣୁ ଆମ ଦେହରେ ପ୍ରବେଶ କଲେ ଶରୀର ତାକୁ ନଷ୍ଟ କରିଦେଇପାରେ।

ବାପା:ବୋଧହୁଏ ଏହାକୁ ହିଁ ଇମ୍ୟୁନିଟି ବା ରୋଗ ପ୍ରତିରୋଧକ କ୍ଷମତା କୁହାଯାଏ।

ଶେଖର: ହଁ, ଆମ ଭାରତରେ ତ ବର୍ଷସାରା କେତେ ଥର ମ୍ୟାଲେରିଆ ଜୀବାଣୁ ସହ ଆମର ସାକ୍ଷାତ ହୁଏ ଆଉ ଧୀରେ ଧୀରେ ଆମ ଦେହ ମ୍ୟାଲେରିଆ ପ୍ରତି ରୋଗ ପ୍ରତିରୋଧକ କ୍ଷମତା ବିକଶିତ କରିନିଏ।

ସେଥିପାଇଁ ଆମ ପାଇଁ ମ୍ୟାଲେରିଆ ଏତେ ବିପଦଜନକ ହୁଏନାହିଁ।

ମା: କିନ୍ତୁ ଭାଇ, ସେଠି କେନିଆ ନାଇରୋବିରେ କାହିଁକି? ସେଠି ଏତେ ବିପଦଜନକ କାହିଁକି ହୋଇଯାଉଛି?

ଶେଖର: ଭାଉଜ, ମୁଁ ଏଇ ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗୋଟିଏ ସମ୍ମିଳନୀରେ ଭାଗ ନେଇ ଫେରିଛି।

ବାପା:କହୁନୁ, ସରକାରୀ ଖର୍ଚ୍ଚରେ ବିଦେଶ ଯାତ୍ରା କରି ଫେରିଛୁ।

ଶେଖର: ସେଠି ଯାଇ ମ୍ୟାଲେରିଆ ବିଷୟରେ ବହୁତ ଆଶ୍ଚର୍ଯ୍ୟଜନକ କଥା ଜାଣିହେଲା।

ମେଘା: ଆଶ୍ଚର୍ଯ୍ୟଜନକ କଥା? ସେ ପୁଣି କ'ଣ?

ଶେଖର: ପ୍ରଥମ କଥା ହେଉଛି ଉନବିଂଶ ଶତାବ୍ଦୀ ଯାଏଁ କେନିୟାରେ ମଶା ନ ଥିଲେ କି ମ୍ୟାଲେରିଆ ନ ଥିଲା।

ବିବେକ: କାହିଁକି ମଉସା?

ଶେଖର: କହୁଛି। ପ୍ରଥମେ ଇଂରେଜମାନେ ବସତି ସ୍ଥାପନ କଲେ। ସେମାନେ ମ୍ୟାଲେରିଆରୁ ରକ୍ଷା ପାଇବା ପାଇଁ ଏସବୁ ଅଞ୍ଚଳରେ ଆସି ରହୁଥିଲେ। କାରଣ ଏଠି ମ୍ୟାଲେରିଆ ହୁଏ ହିଁ ନାହିଁ।

ମେଘା: କିନ୍ତୁ କାହିଁକି ମଉସା?

ଶେଖର: ସେଠିକାର ବାୟୁମଣ୍ଡଳ ଯୋଗୁ।

ବାପା:କିଭଳି ବାୟୁମଣ୍ଡଳ?

ଶେଖର: ମ୍ୟାଲେରିଆ  କରୁଥିବା ଏନଫିଲିସ ପ୍ରଜାତିର ମଶା ଏଭଳି ଜାଗାରେ ତା'ର ଜୀବନଚକ୍ର ପୂରା କରିଥାଏ ଯେଉଁଠି ତାପମାତ୍ରା ୧୬ ଡିଗ୍ରୀରୁ ଅଧିକ ଥାଏ।

ବିବେକ: ଆଉ ଏସବୁ ଅଞ୍ଚଳର ତାପମାତ୍ରା ଏଥିରୁ କମ୍ ରହୁଥିବ।

ମେଘା:  ଆରେ ବାଃ, କି ବଢ଼ିଆ କଥା କହିଲ ବିବେକ। ସାବାସ।

ଶେଖର: ନା ମେଘା, ବିବେକ ଠିକ କହିଛି।

ଶେଖର: ଅସଲ କଥା ହେଉଛି ଆଜି, ପ୍ରଶାନ୍ତ ମାମୁ ଆସିବେ। ଅପା ତାଙ୍କ ସହ ମିଶି ବିଶ୍ୱ ଉଷ୍ଣାୟନଉପରେ ଗୋଟିଏ ପ୍ରକଳ୍ପ କରିବ। ସେଥିରେ ତାଙ୍କ ସାଙ୍ଗ ବିକାଶଭାଇ ବି ସାହାଯ୍ୟ କରିବେ।

(ଏଇ ସମୟରେ ପ୍ରଶାନ୍ତ ଓ ବିକାଶଙ୍କ ପ୍ରବେଶ)

ପ୍ରଶାନ୍ତ:  ଆରେ ଶେଖର, ତମେ ଏଠି। ବହୁତ ଖୁସି ଲାଗିଲା, ବହୁତ ଦିନ ପରେ ଦେଖା। ଏ ହେଉଛି ବିକାଶ, ଗବେଷଣାରେ ମୋ ସହାୟକ।

ଶେଖର: ନମସ୍କାର ବିକାଶବାବୁ। ଏବେ ଏବେ ବିବେକ ତମ ଦୁହିଁଙ୍କ କଥା କହୁଥିଲା। ଆଚ୍ଛା ତମେମାନେ ବସି ଏଠି ଆଲୋଚନା କରୁଥାଅ। ମୁଁ ଟିକେ ୱାର୍ଡରେ ରୋଗୀ ଦେଖି ଚାଲିଆସେ।

ପ୍ରଶାନ୍ତ:  ମେଘା, ତୁ କ'ଣ ସତରେ ବିଶ୍ୱ ଉଷ୍ଣାୟନ ଉପରେ ପ୍ରକଳ୍ପ କରୁଛୁ।

ମେଘା:  ହଁ କାହିଁକି

ବିବେକ: ଦେଖିଲ... ଦେଖିଲ.. ମୁଁ କହୁଥିଲି ନା

ପ୍ରଶାନ୍ତ:  ତୋ ବିଷୟ କ'ଣ?

ମେଘା:  ବିଶ୍ୱ ଉଷ୍ମାୟନ ଏବଂ ମଣିଷର ସ୍ୱାସ୍ଥ୍ୟ।

ପ୍ରଶାନ୍ତ:  ତାହେଲେ ତ ତୁ ବହୁତ ଭାଗ୍ୟବାନ...

ବାପା:କାହିଁକି...

ପ୍ରଶାନ୍ତ: ଆରେ ସାଗରଭାଇ , ଏଥିପାଇଁ ବିକାଶଠୁ ଆଉ ଭଲ କେହି ହୋଇପାରିବେ ନାହିଁ। ଯାହାହେଉ ବିକାଶ ଏବେ ମୋ ସହ ଏଠିକୁ ଆସିଛି।

ମା: ବିକାଶ, ତମେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଏଇ ବିଷୟ ଦେଖୁଛ।

ବିକାଶ:  ହଁ ଅପା।

ମା: ତା ମାନେ ଆଲୋଚନା ଚାଲି ରହିବ। ଗୋଟେ କାମ କରିବା ଘରକୁ ଚାଲିଯିବା। ସେଠି ବିକାଶ ଟିକିଏ ବିଶ୍ରାମ ନେଇଗଲା ପରେ ପୁଣି ଆଲୋଚନା ଚାଲୁ ରଖିବା।

ସମସ୍ତେ: ହଁ ... ହଁ ଠିକ କଥା।

ବିବେକ: ଏମିତି ବି ମତେ ଭୋକ ଲାଗିଲାଣି। ଘରେ ଖାଇସାରି କଥା ହେବା।

ଦୃଶ୍ୟ ପରିବର୍ତ୍ତନ

ମେଘା ଘର, ମେଘା, ପ୍ରଶାନ୍ତ, ବିବେକ ଏବଂ ବିକାଶ ବସିଛନ୍ତି)

ମେଘା:  ବିକାଶଭାଇ, ଆପଣ କହୁଥିଲେ ଯେ କିଛି ରୋଗ ଯାହା ସବୁଦିନ ପାଇଁ ଲୋପ ପାଇଯାଇଛନ୍ତି ବୋଲି ଧରିନିଆ ଯାଇଥିଲା ସେସବୁ ପୁଣି

ଥରେ ଫେରୁଛନ୍ତି।

ବିବେକ: ଯେମିତି...

ବିକାଶ: ଆନ୍ଥ୍ରାକ୍ସ, ମଙ୍କିପକ୍ସ, ହଇଜା, ଡେଙ୍ଗୁ, ହାଣ୍ଟା ଭୂତାଣୁ, ୱେଷ୍ଟ ନୀଳ ଭୂତାଣୁ ଆଦି ରୋଗ ବି ଜୀବାଣୁ ଆଗରୁ ଧରିନିଆ ଯାଇଥିଲା ଯେ ଏଗୁଡ଼ିକ ସବୁଦିନ ପାଇଁ ଶେଷ ହୋଇଗଲେ ବା ଅଳ୍ପ କିଛି ଜାଗାରେ କେବେ କେବେ ଦେଖାଯାଉଛନ୍ତି।

ପ୍ରଶାନ୍ତ: ଆଉ ଆଜି...?

ବିକାଶ: ଏସବୁ ପୁଣି ଫେରୁଛନ୍ତି।

ବିବେକ: କାହିଁକି ବିକାଶ ଭାଇ?

ବିକାଶ: ୨୦୧୬ ମସିହା ଜୁଲାଇ ମାସରେ ସାଇବେରିଆର ଗୋଟିଏ ସ୍ଥାନରେ ବଲ୍‌ଗା ହରିଣ ଦଳ ଉପରେ ଆନ୍ଥ୍ରାକ୍ସର ପ୍ରକୋପ ଆରମ୍ଭ ହୋଇଗଲା। ଦେଖୁ ଦେଖୁ ପ୍ରାୟ ୨୩୦୦ ବଲ୍‌ଗା ହରିଣ ମରିଗଲେ।

ମେଘା: ବିକାଶ ଭାଇ, ଆନ୍ଥ୍ରାକ୍ସ କ'ଣ?

ବିକାଶ: ମେଘା, ଜୀବାଣୁ ଦ୍ୱାରା ଜନ୍ତୁଙ୍କଠାରେ ହେଉଥିବା ଏକ ସ୍ୱତନ୍ତ୍ର ପ୍ରକାରର ସଂକ୍ରମଣ। ଏଥିରେ ସଂକ୍ରମିତ ପଶୁର ସାଧାରଣତଃ ମୃତ୍ୟୁ ହୋଇଯାଏ।

ମେଘା: ବୋଧହୁଏ ଲୁଇ ପାଶ୍ଚର ପ୍ରଥମେ ଏହି ରୋଗ ପାଇଁ ଟୀକା ତିଆରି କରିଥିଲେ।

ବିକାଶ: ହଁ ମେଘା। ଏଇ ପଶୁମାନଙ୍କର ଦେଖାଶୁଣା କରୁଥିବା ମଣିଷଙ୍କଠାରେ ବି ଏହି ରୋଗ ଦେଖାଯାଏ।

ବିବେକ: କିନ୍ତୁ ଏହା ମଣିଷଙ୍କ ରୋଗ ନୁହେଁ?

ବିକାଶ: ହଁ, କିନ୍ତୁ ଏହା ପଶୁଙ୍କଠାରୁ ହିଁ ମଣିଷ ପାଖକୁ ଆସେ। ମଣିଷଙ୍କ କ୍ଷେତ୍ରରେ ଏହା ଚମଡ଼ା, ଫୁସଫୁସ ଏବଂ ଅନ୍ତନାଳୀକୁ ସଂକ୍ରମିତ କରେ। ଏ ଭିତରୁ ଫୁସଫୁସର ଆନ୍ଥ୍ରାକ୍ସ ବହୁତ ବିପଦଜନକ ହୋଇଥାଏ ଆଉ ଏଥିରେ ଅଧାରୁ ଅଧିକ ରୋଗୀ ମରିଯାଆନ୍ତି

ମେଘା: କିନ୍ତୁ ଆନ୍ଥ୍ରାକ୍ସର ତ ଟୀକା ରହିଛି।

ବିକାଶ: ବିଂଶ ଶତାବ୍ଦୀରେ ମନେହେଲା ଯେ ଏଇ ରୋଗ ସବୁଦିନ ପାଇଁ ଚାଲିଗଲା। ଆନ୍ଥ୍ରାକ୍ସର ଶେଷ ରୋଗୀ ୧୯୪୧ ମସିହାରେ ଦେଖା ଯାଇଥିଲା।

ମେଘା: ପୁଣି ୨୦୧୬ ମସିହାରେ କ'ଣ ହେଲା?

ବିକାଶ: ଆନ୍ଥ୍ରାକ୍ସରେ ମରିଥିବା ଗୋଟିଏ ବଲ୍‌ଗା ହରିଣର ମୃତଦେହ ୭୫ ତଳେ ବରଫରେ ପୋତି ହୋଇ ରହିଥିଲା।

ବିବେକ: ସେଇଠୁ?

ବିକାଶ: ବରଫ ତଳେ ଶବ ସହିତ ଆନ୍ଥ୍ରାକ୍ସ ଜୀବାଣୁ ବି ସୁରକ୍ଷିତ ରହିଥିଲେ। ବିଶ୍ୱ ଉଷ୍ମାୟନ ଯୋଗୁ ସେଠିକାର ବରଫ ତରଳିବାରୁ ତା ଭିତରୁ ବଲ୍‌ଗାର ଶରୀର ବାହାରକୁ ବାହାରିଲା। ତା ଭିତରେ ଥିବା ଜୀବାଣୁ ଉପଯୁକ୍ତ ତାପମାତ୍ରା ପାଇବାରୁ ସକ୍ରିୟ ହୋଇଗଲା।

ପ୍ରଶାନ୍ତ: ଆରେ ବାଃ ପୂରା ସିନେମା ଷ୍ଟାଇଲ..

ବିକାଶ: ଆଉ ଦେଖୁ ଦେଖୁ ୭୨ ଜଣ ଲୋକ ଡାକ୍ତରଖାନାରେ ଭର୍ତ୍ତି ହେଲେ। ଗୋଟିଏ ଛୋଟ ପିଲାର ମୃତ୍ୟୁ ହୋଇଗଲା।

ମେଘା: ବିଶ୍ୱ ଉଷ୍ମାୟନ ଯୋଗୁ ବରଫ ତରଳିଲା, ବରଫ ତଳେ ଥିବା ଜୀବାଣୁ ସକ୍ରିୟ ହେଲା ଏବଂ ଗୋଟିଏ ଛୁଆର ମୃତ୍ୟୁ ହେଲା... ପ୍ରକୃତିର ଏଇ ଖେଳ... କେତେ ଅଜବ...

ବିକାଶ: ଏବେ ତ ଅଜବ ଲାଗୁଛି, କିନ୍ତୁ ଯେତେବେଳେ ଏଇ କଥା ସାଧାରଣ ହୋଇଯିବ ସେତେବେଳେ ଆଉ ଅଜବ ଲାଗିବନି।

ମେଘା: ତା ମାନେ କ'ଣ ବିକାଶ ଭାଇ?

ବିକାଶ: ଏଭଳି ଘଟଣା କେବଳ ଆନ୍ଥ୍ରାକ୍ସ ସହ ହୋଇନାହିଁ।

ବିବେକ: ତା ହେଲେ...

ବିକାଶ: ଜୀକା ଭୂତାଣୁର ବି ଏଇ ଅବସ୍ଥା

ମେଘା: ସେ କ'ଣ?

ବିକାଶ: ଜୀକା ଭୂତାଣୁ ଡେଙ୍ଗୁ ଚିକନଗୁନିଆ ଭଳି ଭୂତାଣୁ। ଏଗୁଡ଼ିକ ଦିନବେଳେ ଉଡୁଥିବା ଏଡିସ ମଶା ଦ୍ୱାରା ବ୍ୟାପିଥାଏ।

ପ୍ରଶାନ୍ତ: ଡେଙ୍ଗୁ ବିଷୟରେ ତ ଜଣାଅଛି। ଏଥିରେ ରକ୍ତରେ ଥିବା ଗୋଟିଏ ସ୍ୱତନ୍ତ୍ର ପ୍ରକାରର କୋଷ କମିଯାଏ।

ବିବେକ: ଆରେ ସେଇ ପ୍ଲେଟଲେଟ, ଏଗୁଡ଼ିକ କମିଗଲେ ଦେହରୁ ରକ୍ତ

ବୋହିଚାଲେ ଆଉ ରୋଗୀର ମୃତ୍ୟୁ ହୁଏ।

ବିକାଶ:  ଆରେ ତମକୁ ତ ଡେଙ୍ଗୁ ବିଷୟରେ ବହୁତ ଜଣା।

ବିବେକ: ଆମ ପାଖ ଘରର ମଉସାଙ୍କୁ ଡେଙ୍ଗୁ ହୋଇଥିଲା, ବାପା ମା'ଙ୍କ ସହ ମୁଁ ତାଙ୍କୁ ଦେଖିବାକୁ ଡାକ୍ତରଖାନା ଯାଇଥିଲି, ସେଠି ସମସ୍ତେ ଏହି କଥା ହେଉଥିଲେ।

ପ୍ରଶାନ୍ତ:  ଚିକନଗୁନିଆ ବି ଏହି ଭଳି ଗୋଟିଏ ଜର, ଏଥିରେ ଜର ହେବା ସହିତ ଗଣ୍ଠିସବୁ ଭୟଙ୍କର ଭାବରେ ଘୋଳାବିନ୍ଧା ହୁଏ। ଏତେ ବିନ୍ଧେ ଯେ ରୋଗୀ ତା'ର ଦୈନନ୍ଦିନ କାମ ବି କରିପାରେନାହିଁ।

ବିକାଶ:  ଜୀକା ଭୂତାଣୁ ବି ଏହିଭଳି ଗୋଟିଏ ଭୂତାଣୁ। ୧୯୬୮ ମସିହାରେ ପ୍ରଥମ ଥର ପାଇଁ ନାଇଜେରିଆର ଜଣେ ରୋଗୀଙ୍କ ପାଖରେ ଏହାର ସଂକ୍ରମଣ ଦେଖାଯାଇଥିଲା।

ମେଘା:  ତା ମାନେ ଏହା ଆଗରୁ ଜୀକା ଭୂତାଣୁ କେବେ ମଣିଷକୁ ଆକ୍ରମଣ କରି ନ ଥିଲା।

ପ୍ରଶାନ୍ତ:  କରିଥିବ, କିନ୍ତୁ ପ୍ରଥମ ଥର ପାଇଁ କୌଣସି ମଣିଷ ଉପରେ ଏହାକୁ ଚିହ୍ନଟ କରାଗଲା, ଠିକ ବିକାଶ?

ବିକାଶ: ସେତେବେଳେ ଏହା ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ , ମିଶର, ଗେବନ, ସିଏରା, ଲିଅନ, ତାଞ୍ଜାନିଆ, ଉଗାଣ୍ଡା, ଇଣ୍ଡୋନେସିଆ, ମ୍ୟାଲେସିଆ, ଫିଲିପାଇନ୍ସ, ଥାଇଲାଣ୍ଡ, ଭିଏତନାମ ଭଳି ଆଫ୍ରିକା ଏବଂ ଏସିଆର ଭୂମଧ୍ୟରେଖା ଆଖପାଖରେ ହିଁ ସୀମିତ ଥିଲା।

ବିବେକ: ଆଉ ଏବେ ଯେଉଁଠି ନ ଥିଲା ସେଠି ବି ଦେଖାଗଲାଣି।

ମେଘା:  ଯେମିତି...

ବିକାଶ:  ୨୦୧୪ ମସିହାରେ ଫ୍ରେଞ୍ଚ ପଲିନେସିଆ ଏବଂ ଇଷ୍ଟା ଦ୍ୱୀପରେ ପ୍ରଥମ ଥର ପାଇଁ ଏହାର ରୋଗୀ ଦେଖିବାକୁ ମିଳିଲା। ୨୦୧୫ ମସିହାରେ ତ ବ୍ରାଜିଲରେ ଏହି ରୋଗୀଙ୍କର ବନ୍ୟା ଆସିଗଲା।

ପ୍ରଶାନ୍ତ: ହଁ ହଁ ମନେପଡ଼ିଲା, ସେତେବେଳେ କୁହାଯାଉଥିଲା ଯେ ସେତେବଳେ ଯେଉଁ ଛୋଟ ମୁଣ୍ଡବାଲା ଛୁଆ ଜନ୍ମ ହେଉଥିଲେ ତା 'ର କାରଣ ହେଉଛି ଏଇ ଜୀକା ଭୂତାଣୁ।

ବିକାଶ:  ଏମିତିରେ ତ ଜୀବା ଭୂତାଣୁ ରୋଗୀ ଦେହରେ ବିପଦଜନକ ଲକ୍ଷଣ ମାନ ଦେଖାଏ, କିନ୍ତୁ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଜୀକା ଭୂତାଣୁ ଶିଶୁର ମୁଣ୍ଡ ଛୋଟ କରିଦିଏ ଏବଂ ମାନସିକ ରୋଗୀ କରିଦିଏ।

ବିବେକ: ଏ ବି କ'ଣ ବିଶ୍ୱ ଉଷ୍ମାୟନ ଯୋଗୁ ହେଉଛି।

ବିକାଶ: ହଁ ବିକାଶ, ଅନେକ ପରିମାଣରେ, କାରଣ, ଏ ଭୂତାଣୁ ବି ଦିନବେଳେ ଉଡୁଥିବା ଏଡିସ ମଶା ଯୋଗୁ ବ୍ୟାପିଥାଏ। ଆଉ ବିଶ୍ୱ ଉଷ୍ମାୟନ ଯୋଗୁ ମଶାଙ୍କ ସଂଖ୍ୟା ବହୁତ ବଢୁଯାଉଛି।

ମେଘା:  ତା ସହିତ ଡେଙ୍ଗୁ, ଚିକନଗୁନିଆ, ଏବଂ ଜୀକା ଭୂତାଣୁ ବି। ଠିକ ବା ବିକାଶ ଭାଇ?

ବିକାଶ: ପୂରା ଠିକ। ଖାଲି ଏତିକି ନୁହେଁ, ହଇଜା ଉପରେ ବି ବିପଦ ଦେଖାଦେଉଛି।

ବିବେକ: ହଇଜା?

ପ୍ରଶାନ୍ତ: ଆମ ପିଲାଦିନେ ହଇଜା ବହୁତ ହେଉଥିଲା। ଏ ଝାଡ଼ା ରୋଗରେ ପ୍ରତି ବର୍ଷେ ହଜାର ହଜାର ଲୋକ ମରୁଥିଲେ। କିନ୍ତୁ ଗତ ପଚାଶ ବର୍ଷରେ ଏହା ବହୁତ କମିଯାଇଛି।

ବିକାଶ: ହଁ ପ୍ରଶାନ୍ତବାବୁ, ଏବେ ହଇଜା ବି ଧୀରେ ଧୀରେ ସକ୍ରିୟ ହେବାରେ ଲାଗିଛି। ବିକଶିତ ଦେଶମାନଙ୍କରେ ବି ଏବେ ହଇଜାର ଗୋଟିଏ ଦୁଇଟି ରୋଗୀ ଦେଖିବାକୁ ମିଳିଲାଣି।

ବିବେକ: କାହିଁକି?

ବିକାଶ: ହଇଜା ସାଧାରଣତଃ ମାଛି ଦ୍ୱାରା ବ୍ୟାପିଥାଏ। ମାଛି ଆର୍ଦ୍ର ଆଉ ଉଷ୍ମ ବାୟୁମଣ୍ଡଳରେ ବହୁତ ଦ୍ରୁତ ଗତିରେ ବଢ଼ନ୍ତି। ଏବେ ନିକଟରେ ଆମର ଗୋଟିଏ ଆଲୋଚନାରେ ହଇଜାକୁ ନେଇ ଗଭୀର ଚିନ୍ତା ବ୍ୟକ୍ତ କରାଯାଇଥିଲା।

ପ୍ରଶାନ୍ତ: ତା ମାନେ ବିଶ୍ୱ ଉଷ୍ମାୟନ ଯୋଗୁ ବର୍ଷ ବର୍ଷ ଧରି ଜମିଥିବା ବରଫ ତରଳିଲେ ଯେକୌଣସି ରୋଗ ପୁଣି ଥରେ ମୁଣ୍ଡ ଟେକିପାରେ।

ବିକାଶ: ଯେକୌଣସି ନୁହେଁ, ବହୁତଗୁଡ଼ିଏ ରୋଗ ତାଲିକାରେ ଅଛନ୍ତି ଯେମିତିକି ବସନ୍ତ, ଯାହାକି ୧୯୮୦ ମସିହାରେ ଲୋପ ପାଇଗଲା ବୋଲି ଘୋଷଣା କରାଯାଇଥିଲା।

ମେଘା: ବିକାଶ ଭାଇ, ବିଶ୍ୱ ଉଷ୍ମାୟନ ଯୋଗୁ କ'ଣ ପୂରା ନୂଆ ରୋଗ ଯାହାର ଆଗରୁ କୌଣସି ବି ସ୍ଥିତି ନ ଥିଲା ତା ବି ସୃଷ୍ଟି ହୋଇପାରେ।

ଯାହା ବିଷୟରେ ଆମକୁ ଆଗରୁ କିଛି ଜଣା ନ ଥିଲା।

ବିକାଶ: ମେଘା, ଏମିତି ହୋଇପାରେ। ୨୦୧୫ ମସିହାରେ ବୈଜ୍ଞାନିକମାନେ ସାଇବେରିଆର ଜମିଥିବା ବରଫ ପରସ୍ତରେ ଗୋଟିଏ ବହୁତ ବଡ଼ ଭୂତାଣୁକୁ ଖୋଜି ବାହାର କରିଛନ୍ତି। ଏହା ୩୦ ହଜାର ବର୍ଷ ଧରି କେତେ ପରସ୍ତ ବରଫ ତଳେ ପୋତିହୋଇ ରହିବା ସତ୍ତ୍ୱେ ବି ସକ୍ରିୟ ଥିଲା।

ବିବେକ: ବଢ଼ିଆ କଥା ତ!

ବିକାଶ: କିନ୍ତୁ ଖୁସିର କଥା ଯେ ଏହା କେବଳ ଗୋଟିଏ ପ୍ରକାରର ଏକକୋଷୀ ଜୀବ ଉପରେ ଆକ୍ରମଣ କରୁଛି। କୌଣସି ପୋଷା ଜୀବ ବା ମଣିଷ ଉପରେ ନୁହେଁ।

ମେଘା: ଏ ତ ବହୁତ ବିପଦଜନକ କଥା।

ବିକାଶ: ହଁ ବିପଦଜନକ ନିଶ୍ଚୟ, କାରଣ ଏଗୁଡ଼ିକ ପ୍ରକଟ ହେବା ପରେ ତାଙ୍କୁ ସାମନା କରିବା ପାଇଁ ଆମ ପାଖରେ କିଛି ନ ଥିବ, ନା ଔଷଧ ଥିବ ନା ଟୀକା ନା ରକ୍ଷା ପାଇବାର ଉପାୟ।

ମେଘା: ଆଉ ଆମ ଦେହର ରୋଗ ପ୍ରତିରୋଧ କ୍ଷମତା ବି ନ ଥିବ, କାରଣ ଆଗରୁ ଆମକୁ ଏ ଭୂତାଣୁ କେବେ ଆକ୍ରମଣ କରି ନ ଥିବ।

ବିକାଶ: ମେଘା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହିଭଳି ଆଠଟି ରୋଗର ତାଲିକା ପ୍ରସ୍ତୁତ କରିଛନ୍ତି। ଏଗୁଡ଼ିକ ମହାମାରୀ ରୂପ ଧାରଣ କରି ପୃଥିବୀକୁ ଗିଳିଯିବ।

ବିବେକ: କୋଉ ରୋଗ।

ବିକାଶ: କ୍ରିମିୟନ କଙ୍ଗୋ ଜର, ଇବୋଲା ଭୂତାଣୁ, ମାର୍ୱର୍ଗ ଭୂତାଣୁ, ଲାସା ଜର, ନିପାହ ଭୂତାଣୁ, ରିଫ୍ଟ ଭ୍ୟାଲି ଜର, ମିଡଲ୍ଇଷ୍ଟ ରେସ୍ପିରେଟୋରୀ ସିଣ୍ଡ୍ରୋମ ଆଦି।

ପ୍ରଶାନ୍ତ: ବୋଧହୁଏ ଏସବୁରୁ ସୁରକ୍ଷିତ ରହିବା ପାଇଁ ଆମ ପାଖରେ କୌଣସି ଟୀକା ବି ନାହିଁ।

ବିକାଶ: ଏସବୁ ରୋଗ ଭୂତାଣୁ ଦ୍ୱାରା ହେଉଛି। ଗତ କିଛିବର୍ଷ ଭିତରେ ଏମାନଙ୍କ ସଂଖ୍ୟା ବହୁତ ବଢ଼ିଯାଇଛି।

ମେଘା: ଏଥିରୁ ରକ୍ଷା ପାଇବା ପାଇଁ ଆମ ପାଖରେ ଗୋଟିଏ ମାତ୍ର ବାଟ ରହିଛି।

ବିବେକ: ମାନେ ବିଶ୍ୱ ଉଷ୍ମାୟନର ଗତି କୁ ଅଟକାଇବା।

ବିକାଶ: ଏଥିପାଇଁ ଦରକାର ସଚେତନତା ଆଉ ଇଚ୍ଛାଶକ୍ତି।

ପ୍ରଶାନ୍ତ: ଯେତେଦୂର ସମ୍ଭବ ଆମକୁ ତାପମାତ୍ରା ବଢ଼ାଉଥିବା କ୍ରିୟାକଳାପକୁ ଅଟକାଇବାକୁ ହେବ।

ମେଘା: ଆମର ଆଜିର ସଚେତନତା କାଲି ଜୀବନଦାୟିନୀ ହେବ।

ସଙ୍ଗୀତ